# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 July – 2026

********************************

## ମୁଖ୍ୟ ସମ୍ବାଦ

- ପୁରୀରେ ଆଜି ହରିଶୟନ ଏକାଦଶୀ ତିଥିରେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ମହାପ୍ରଭୁ
- ବିକଶିତ ଭାଇବ୍ରେଣ୍ଟ ଭିଲେଜ କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କ ସହ ଆସନ୍ତାକାଲି ଭାବିନିମୟ କରିବେ ପ୍ରଧାନମନ୍ତ୍ରୀ
- ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ଏନ୍.ଟି.ଏ. ପକ୍ଷରୁ ବିଭିନ୍ନସ୍ତରରେ ବୃତ୍ତିଗତ ପଦବୀ ପାଇଁ ନିଯୁକ୍ତି ବିଜ୍ଞପ୍ତି ଜାରି
- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଉଛି ସର୍ବଭାରତୀୟ ଜୁନିୟର ର୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ

ଏବଂ

- ପଶ୍ଚିମବଙ୍ଗ–ଓଡ଼ିଶା ଉପକୂଳରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

# ସୁନାବେଶ

ଶ୍ରୀକ୍ଷେତ୍ର ପୁରୀରେ ଆଜି ହରିଶୟନ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେଉଛି। ରଥ ଉପରେ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ହୀରାନୀଳା, ମୋତି ମାଣିକ୍ୟ ଖଚିତ ୧୩୮ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯିବ । ବିଶ୍ୱ ନୟନ୍ତାଙ୍କ ଗୋଟିଏ ଝଲକ ପାଇଁ ଭକ୍ତ ଅପେକ୍ଷା କରି ରହିଛନ୍ତି।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ....

ରତ୍ନବେଦୀକୁ ବାହୁଡିବା ପୂର୍ବରୁ ରଥାରୂଢ଼ ଶ୍ରୀଜୀଉଙ୍କ ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଶ୍ରଦ୍ଧାଳୁଙ୍କୁ ଦିବ୍ୟ ଦର୍ଶନ ଦେବେ। ମହାପ୍ରଭୁଙ୍କ ସୁନାବେଶକୁ ଦର୍ଶନ ପାଇଁ ବଡ଼ଦାଣ୍ଡରେ ପ୍ରବଳ ଜନ ସମାବେଶ ଦେଖିବାକୁ ମିଳିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସୁନା କିରିଟ, ଶ୍ରୀପୟର, ଶ୍ରୀଭୂଜ, ଆଡକାନୀ, ତିଳକ, ଝୋବାକଣ୍ଠି, ତ୍ରିଖଣ୍ଡିକା, କମରପଟୀ, ଶ୍ରୀବଳଭଦ୍ରଙ୍କୁ, କୁଣ୍ଡଳ, ରତ୍ନଖଚିତ ଘାଗଡାମାଳି, କଦମ୍ବମାଳି, ହଳମୁଷଳ, ଚନ୍ଦ୍ରସୂର୍ଯ୍ୟ, ଅଳକା, ଓଡିଆଣି, ଚନ୍ଦ୍ରିକା, ଦେବୀ ସୁଭଦ୍ରାଙ୍କୁ କାନ, ଘାଘଡାମାଳି, ସେବତୀମାଳି ତଗଡୀ ଆଦି ଅଳଙ୍କାରରେ ଆଭୂଷିତ କରାଯିବ। ତିନି ରଥରେ ରଥାରୂଢ଼ ଦାରୁ ଦେବତାଙ୍କୁ ପାଳିଆ ପୁଷ୍ପାଳକ,

ଦଇତାପତି, ଖୁଣ୍ଟିଆ ମେକାପ, ଭିତରଚ୍ଛ ପ୍ରମୁଖ ସୁନାବେଶ ଲାଗି କରିଥାନ୍ତି।

ସନ୍ଧ୍ୟା ଆଳତି ନୀତି ଶେଷ ହେବାପରେ ଅପରାହ୍ଣ ପ୍ରାୟ ୫ଟାରେ ମହାପ୍ରଭୁଙ୍କୁ ସୁନାବେଶ କରାଯିବ। କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟାରେ ଶ୍ରୀଜୀଉଙ୍କ ଅଙ୍ଗରୁ ଅଳଙ୍କାରକୁ  ବାହାର କରାଯିବ। ରାତି ୧୨ଟାରେ ବଡସିଂହାର ବେଶ, ସାଢ଼େ ୧୨ଟାରେ ବଡସିଂହାର ଭୋଗ ଅନୁଷ୍ଠିତ ହେବ।

ଏହାପରେ ରାତି ସାଢ଼େ ଗୋଟାଏରେ ଶୟନ ଠାକୁର ବିଜେ କରିବେ। ଭୋର ୪ଟାରେ ହରିଶୟନ ନୀତି ପରେ ରାତ୍ର ପହୁଡ଼ ନୀତି ହେବ।

ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି।

**ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା**

Desk

## ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ତାଙ୍କ ଜୀବନ, ଛାତ୍ର, ଶିକ୍ଷକ ଏବଂ ଶିକ୍ଷାରେ ସଂସ୍କାର ପାଇଁ ସମର୍ପିତ ରହିଥିବ। ଗୋଟିଏ ସଶକ୍ତ, ସାମଗ୍ରୀକ ଏବଂ ଦୂରଦର୍ଶୀ ଶିକ୍ଷା ବ୍ୟବସ୍ଥା’ ସଶକ୍ତ ରାଷ୍ଟ୍ରର ମୂଳଦୁଆ। ସେ ଦେଶର ଯୁବପିଢ଼ିଙ୍କ ଆକାଂକ୍ଷା,

ଭାବନାକୁ ସମ୍ମାନ କରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତାଙ୍କୁ ଦେଶସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

Engslih Pool

# ପିଏମ୍-ବିକଶିତ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅପରାହ୍ନରେ ଆଭାସୀ ଜରିଆରେ ବିକଶିତ ଭାଇବ୍ରେଣ୍ଟ୍ ଭିଲେଜ କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କ ସହ ଭାବବିନିମୟ କରିବେ । ଏହି କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୪୦୦ ଜଣ ଯୁବ ପ୍ରତିଯୋଗୀ ପ୍ରତିନିଧିତ୍ୱ କରି ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ । 'ବିକଶିତ ଭାଇବ୍ରେଣ୍ଟ୍ ଭିଲେଜ୍ କାର୍ଯ୍ୟକ୍ରମ' ଗତମାସ ୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଲଦାଖ, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ୭୪ଟି ଗ୍ରାମକୁ ନେଇ ଅନୁଷ୍ଠିତ ହୋଇଥିଲା । ଦେଶବ୍ୟାପୀ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତା ଜରିଆରେ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା । ୩ ଲକ୍ଷରୁ ଅଧିକ ଯୁବ ପ୍ରତିଯୋଗୀ ଏହି ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

Desk

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ

ଦେବେ । ଏହା ହେବ ମନ୍ କୀ ବାତ୍ର ୧୩୬ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

Desk

## ଉଚ୍ଚସ୍ତରୀୟ ବୈଠକ

ରାଜ୍ୟରେ ଶିଳ୍ପାୟନକୁ ଅଧିକ ଗତିଶୀଳ କରିବା ଏବଂ ବ୍ୟବସାୟ କରିବାର ସୁଗମତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ବିଭାଗ ଅଧ୍ୟକ୍ଷା ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ଶିଳ୍ପ ଭିତ୍ତିଭୂମି, ଜମି ଆବଣ୍ଟନ, ବିଦ୍ୟୁତ, ଜଳଯୋଗାଣ, ବିଭିନ୍ନ ନିୟାମକ ପ୍ରକ୍ରିୟାର ସରଳୀକରଣ ଉପରେ ଆଲୋଚନା କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରମୁଖ ଶିଳ୍ପ ସଂଗଠନ, ବାଣିଜ୍ୟ ମଣ୍ଡଳ, କ୍ଷୁଦ୍ର, ଲଘୁ ଓ ମଧ୍ୟମ ସଂଗଠନ ଏବଂ ଆଞ୍ଚଳିକ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ସେମାନଙ୍କର ବିଭିନ୍ନ ସମସ୍ୟା ଅବଗତ କରାଇବା ସହ ନାନାଦି ପ୍ରସ୍ତାବ

ଉପସ୍ଥାପନ କରିଥିଲେ। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଜଳଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ଇନ୍‌ଫୋସିଟିରେ ବହୁସ୍ତରୀୟ ପାର୍କିଂ ପ୍ରକଳ୍ପ ଏବଂ ୭ଟି ପ୍ରମୁଖ ଶିଳ୍ପାଞ୍ଚଳରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ଚାଲିଥିବା ବୈଠକରେ ସୂଚନା ପ୍ରଦାନ କରାଯାଇଛି।

Desk

# ଏନ୍‌ଟିଏ

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ବିଭିନ୍ନ ସ୍ତରରେ ବରିଷ୍ଠ ବୃତ୍ତିଗତ ପଦବିପାଇଁ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଛି । ସେହିଭଳି କେନ୍ଦ୍ରୀୟ ଲୋକସେବା ଆୟୋଗର ପ୍ରତିଭାସେତୁ ପୋର୍ଟାଲ୍ ମାଧ୍ୟମରେ ମଧ୍ୟ ୧୬ ଜଣ ବୃତ୍ତିଗତଙ୍କୁ ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଏନ୍.ଟି.ଏ. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଜାତୀୟ ପରୀକ୍ଷଣ ସଂସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଫେସର କେ. ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ସୁପାରିସ ଆଧାରରେ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି। ଚୁକ୍ତିଭିତ୍ତିକ ୪ଟି ଜେନେରାଲ୍ ମ୍ୟାନେଜର ପଦବିପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ଭବିଷ୍ୟତରେ କମିଟି ସୁପାରିସ କରିଥିବା ୧୦ଟି କାର୍ଯ୍ୟକ୍ଷେତ୍ରପାଇଁ ଆହୁରି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଏନ୍.ଟି.ଏ. କହିଛି ।

ଅନ୍ୟପକ୍ଷରେ ସଂସ୍କାରମୂଳକ ପଦକ୍ଷେପସ୍ୱରୂପ ୪୭ ଜଣ ଅଧିକାରୀଙ୍କୁ ଏନ୍‌ଟିଏ ପକ୍ଷରୁ ଚାକିରିରୁ ବହିଷ୍କାର କରାଯାଇଛି । ପ୍ରଶ୍ନପତ୍ର ପ୍ରଘଟ ମାମଲା ପରିପ୍ରେକ୍ଷୀରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଏଥିମଧ୍ୟରୁ କିଛି ଅଧିକାରୀଙ୍କ ବିରୋଧରେ ଅପରାଧିକ କାର୍ଯ୍ୟକଳାପ ଅଭିଯୋଗ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍.ଟି.ଏ. କହିଛି ।

Desk

## ସ୍ନାତକୋତ୍ତର ପାଠ୍ୟକ୍ରମ

ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ସି.ପି.ଇ.ଟି. ଫଳ ପ୍ରକାଶ ପାଇଛି । ଏଥିସହ ବିଷୟ ଭିତ୍ତିକ ରାଜ୍ୟସ୍ତରୀୟ ମେଧା ତାଲିକା, ଦୁଇ ବର୍ଷୀୟା ବି.ଏଡ୍, ବି.ଏଚ୍.ଏଡ୍ ଏବଂ ଏମ୍.ଏଡ୍ ପ୍ରବେଶିକା ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି । ଯୋଗ୍ୟ ଛାତ୍ରଛାତ୍ରୀ ଆସନ୍ତା ୨୭ ତାରିଖରୁ ଶିକ୍ଷାନୁଷ୍ଠାନ ଚୟନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସ୍ନାତକୋତ୍ତର ପାଠପଢ଼ା ଜୁଲାଇ ୧୦ରୁ ଆରମ୍ଭ ହେବ ।

Desk

## ଛୁଟି ଆବେଦନ

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ବ୍ୟକ୍ତିଗତ କାରଣରୁ ରାଜ୍ୟ କିମ୍ବା ଦେଶ ବାହାରକୁ ଭ୍ରମଣରେ ଯିବାକୁ ହେଲେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅତିକମ୍‌ରେ ୨୧ ଦିନ

ପୂର୍ବରୁ ଛୁଟି ପାଇଁ ଆବେଦନ କରିବାକୁ ହେବ। ଜରୁରୀକାଳୀନ ପରିସ୍ଥିତିକୁ ବାଦ୍ ଦେଇ ଅନ୍ୟ ସମୟରେ ମଧ୍ୟ ମୁଖ୍ୟାଳୟ ଛାଡ଼ିବା ନିମନ୍ତେ ଏହି ନିୟମ ଲାଗୁ ହେବ ବୋଲି ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

Malkangiri

## ବାଲ୍ୟବିବାହ ସଚେତନତା

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ବାହୁଡ଼ା ଯାତ୍ରା ଅବସରରେ ବାଲ୍ୟବିବାହ ଉପରେ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ପ୍ରତ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀମାନେ ଯୋଗଦେଇ ବାଲ୍ୟ ବିବାହ ମୁକ୍ତ ଓ ସୁରକ୍ଷିତ ଶିଶୁ ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ରଚାର ରଥର ଶୁଭାରମ୍ଭ କରିଥିଲେ।

Bhadrak

## ସାଇବର ଅପରାଧ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ପୁଲିସ ପକ୍ଷରୁ ବିଜୁ ସ୍ମୃତି ଭବନଠାରେ ସାଇବର ଅପରାଧ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଥାନା ଅଧିକାରୀ, ଏସ୍.ଡି.ପି.ଓ ପ୍ରମୁଖ ଯୋଗଦେଇ ଅନଲାଇନ୍ ବ୍ୟାଙ୍କିଂ, ୟୁପିଆଇ, ଓଟିପି, ନକଲି ଚାକିରି ପ୍ରଦାନ ଭଳି ଠକେଇର ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି।

Ganjam

## ଏସ୍.ଆଇ.ଆର୍

ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର-୨୦୨୬ ଅଧୀନରେ ଭୋଟର ତାଲିକା ସମ୍ପର୍କିତ ଆପତ୍ତି, ଅଭିଯୋଗ, ଯାଞ୍ଚ ଓ ଶୁଣାଣି ପ୍ରକ୍ରିୟାକୁ କ୍ରିୟାଶୀଳ କରାଯାଇଛି।

Desk

## ଆକାଶବାଣୀ କର୍ମଚାରୀ ପରଲୋକ

ଆକାଶବାଣୀ କଟକର ଅବସରପ୍ରାପ୍ତ କାର୍ଯ୍ୟକ୍ରମ ନିଷ୍ପାଦକ ଡକ୍ଟର କିଶୋର ମହାନ୍ତିଙ୍କ ଆଜି ପ୍ରତ୍ୟୁଷରେ ୭୩ ବର୍ଷ ବୟସରେ ପରଲୋକ ହୋଇଛି। କଟକ ସିଡିଏସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି। ଜଣେ ଗୀତିକାର, ସ୍ତମ୍ଭକାର ଏବଂ ନାଟ୍ୟ ପ୍ରଯୋଜକ ଭାବେ ସେ ବିଶେଷ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କ ବିୟୋଗରେ ଆକାଶବାଣୀର କର୍ମଚାରୀ ତଥା ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

Desk

## ଜୁନିୟର ର୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ର ଡାଲମିୟା ଭାରତ ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ରରେ ଆଜିଠୁ ସର୍ବଭାରତୀୟ ଜୁନିୟର ର୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୫୦୦ରୁ ଊର୍ଦ୍ଧ୍ୱ ଖେଳାଳି, କର୍ମଚାରୀ ଏବଂ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଭାରତୀୟ

ଜୁନିୟର ଦଳ ଅକ୍ଟୋବର ୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଇଜିପ୍ଟର କାଇରୋରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଜୁନିୟର ଚାମ୍ପିଅନସିପ୍‌ରେ ଭାଗ ନେବେ। ଯୋଗ୍ୟତା ପର୍ଯ୍ୟାୟରେ ଓଡ଼ିଶାରୁ ବାଳକ ସିଙ୍ଗିଲ୍‌ସରେ ୨୭ ଜଣ, ବାଳିକା ସିଙ୍ଗିଲ୍‌ସରେ ୧୩ ଜଣ, ବାଳକ ଡବଲ୍ସରେ ୧୨ ଜଣ, ବାଳିକା ଡବଲ୍ସରେ ୫ ଜଣ ଏବଂ ମିକ୍ସଡ୍ ଡବଲ୍ସରେ ୧୧ଟି ଯୋଡ଼ି ଭାଗ ନେଉଛନ୍ତି।

Desk

# ସିଡବ୍ଲୁଜି ଗେମ୍‌ସ

ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋ ଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ମୁଷ୍ଟିଯୋଦ୍ଧା ଲଭ୍‌ଲିନା ବୋର୍‌ଗୋହିଁ ମହିଳା ୭୫ କିଲୋଗ୍ରାମ୍ ସେମିଫାଇନାଲ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି । ସେହିଭଳି ଭାରତୀୟ ଭାରୋତ୍ତଳନକାରୀ ଝଣ୍ଟୁ କୁମାର ଭାରତ ପାଇଁ ପ୍ରଥମ ମେଡାଲ୍ ହାସଲ କରିଛନ୍ତି । ସେ ମଧ୍ୟ କାଂସ୍ୟପଦକ ପାଇଛନ୍ତି । ମୁଷ୍ଟିଯୋଦ୍ଧାରେ ଯଦୁମଣି ସିଂ ପୁରୁଷ ୫୫ କିଲୋଗ୍ରାମ୍ ବର୍ଗକୁ ଉନ୍ନୀତ ହୋଇଛନ୍ତି । ଲନ୍‌ବାଓ୍ୱଲ୍‌ସରେ ମହିଳା ଯୋଡ଼ି ରୁପାରାଣୀ ତୀର୍କି ଏବଂ ପିଙ୍କି ସିଂ ଗ୍ରୁପ୍-ବି ର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଯୋଡ଼ିକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ବେଳେ ପୁରୁଷ ଏକକରେ ପୁତୁଲ ସୋନଓ୍ୱାଲ ବିଜୟ ହାସଲ କରିଛନ୍ତି ।

ଭାରତ ପାଇଁ ପ୍ରଥମ ପଦକ ଜିତିଥିବା ପାରା କ୍ରୀଡ଼ାବିତ୍ ଝଣ୍ଟୁ କୁମାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି ।

MET

# ପାଣିପାଗ

ଉତ୍ତର–ପଶ୍ଚିମ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ପଶ୍ଚିମବଙ୍ଗ ଓଡ଼ିଶା ଉପକୂଳରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିରୁ ଅତିପ୍ରବଳ ବର୍ଷା ହେବା ନେଇ କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର ଓ କେନ୍ଦୁଝର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୮ଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ରହିଛି । ଆସନ୍ତା ଚାରି ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।